## ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ଲହୁଣୀପଡା:** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅଧୀନ ଖୁଣ୍ଟଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏପରି କି ଏ ସଂକ୍ରାନ୍ତରେ ଅନ୍ୟ କାହାକୁ ଜଣାଇଲେ ଜୀବନରେ ମାରି ଦେବାକୁ ସେ ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଜଗନ ମହାପାତ୍ର (୩୦)ଙ୍କୁ ଗିରଫ କରିଛି । ପୋଲିସ ଏକ ମାମଲା ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା କରାଇଛି ।

## ସଂକ୍ଷେପରେ

### ହରିଓମ୍ ବିହାରରୁ ଚୋରି

**ବ୍ରଜରାଜନଗର,୧୩।୧୧(ଡି.ଏନ.ଏ.)-** ବ୍ରଜରାଜନଗର ଥାନା ଅଧୀନ ହରିଓମ୍ ବିହାରରେ ରହୁଥିବା କାମେଶ୍ୱର ରାଏଙ୍କ ଘରୁ ଦିନ ୧୧ଟା ବେଳେ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି । ଚୋରମାନେ ଘର ମାଲିକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁଇ ଥର ଚୋରି କରିଥିବା ଅଭିଯୋଗ ହୋଇଛି । ଶୁକ୍ରବାର ଦିନ ୧୧ଟା ବେଳେ ସେମାନେ ମୁଖ୍ୟ ତାଲା ଭାଙ୍ଗି ଘରେ ପ୍ରବେଶ କରିଥିଲେ । ସେହି ସମୟରେ ଘର ମାଲିକଙ୍କ ଭାଇ ରମେଶ ରାଏ ଆସିଥିଲେ । ଗାଡିର ଶବ୍ଦ ଶୁଣି ଚୋରିମାନେ ଦୌଡି ଚାଲିଯାଇଥିଲେ । ଏ ନେଇ ଥାନାରେ ଅଭିଯୋଗ ହୋଇଛି ।

### ଜୁଆଖେଳ ସମୟରେ ପୋଲିସ ଚଢ଼ାଉ

**ବ୍ରଜରାଜନଗର, ୧୩।୧୧ (ଡି.ଏନ.ଏ.)** ବ୍ରଜରାଜନଗର ଥାନା ଅନ୍ତର୍ଗତ ଲମତିବାହାଲ ନାଳ ପାଖ ଝାଡି ଜଙ୍ଗଲରେ ଜୁଆ ଖେଳ ଚାଲିଥିବା ଖବର ପାଇ ବୁଧବାର ରାତ୍ରି ୧ଟାରେ ପୋଲିସ ଚଢ଼ାଉ କରିଥିଲା । ଘଟଣା ସ୍ଥଳରୁ ୧ ଲକ୍ଷ ୧୭ ହଜାର ଟଙ୍କା ଜବତ କରିଛି। ଏହି ଅଭିଯୋଗରେ ଦର୍ଗା ଠାକୁର, ସୁବାଷ ସା, ସୁବାଷ ସିଂ, ରାଜେଶ ରାଏ, ଦିନେଶ ରାଏଙ୍କୁ ଗିରଫ କରିଥିଲା । ସୂଚନାଯୋଗ୍ୟ ଯେ, ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ଜାଗାରେ ପ୍ରତ୍ୟେକ ଦିନ ଜୁଆ ଓ ସଟ୍ଟା ଆଦି ଖେଳ ଖୁଲମଖୁଲା ଚାଲୁଛି । ଏ ନେଇ ଅଞ୍ଚଳବାସୀ ବହୁବାର ଥାନାରେ ଅଭିଯୋଗ କରୁଥିଲେ ମଧ ପୋଲିସ କୌଣସି ତତ୍ପରତା ଦେଖାଉ ନାହିଁ ।

### ୯ ମାସ ପରେ ଖୋଲିଲା ରେଳ ଓଭରବ୍ରିଜ୍ ପାଦଚଲା ରାସ୍ତା

**ବ୍ରଜରାଜନଗର, ୧୩।୧୧ (ଡି.ଏନ.ଏ.)** ସ୍ଥାନୀୟ ଆଜାଦ ଛକ ପାଖ ଦେଇ ବଜାରକୁ ସଂଯୋଗ କରୁଥିବା ବହୁ ପ୍ରତିକ୍ଷିତ ରେଳ ଓଭର ବ୍ରିଜ ପାଦଚଲା ରାସ୍ତା ଗୁରୁବାର ଖୋଲା ଯାଇଛି। ଦୀର୍ଘ ୯ ମାସ ଧରି ଅସୁବିଧା ଭୋଗୁଥିବା ଲୋକମାନଙ୍କୁ ଏବେ ଆଶ୍ୱସ୍ତି ମିଳିଛି । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଫେବୃୟାରୀ ୧୫ ତାରିଖରୁ ବ୍ରିଜ ମରାମତି ପାଇଁ ରେଳ କର୍ତ୍ତୃପକ୍ଷ ବନ୍ଦ କରି ଦେଇଥିଲେ ।

### ଅର୍ଜୁନ ବିଜୁ ଛାତ୍ର ଜନତା ଜିଲା ଉପସଭାପତି ମନୋନୀତ



**ଜୁନାଗଡ, ୧୩।୧୧ (ଡି.ଏନ.ଏ.)** କଳାହାଣ୍ଡି ଜିଲା ବିଜୁ ଛାତ୍ର ଜନତା ଦଳର ଜିଲା ଉପସଭାପତି ଭାବେ ଅର୍ଜୁନ ବାଗ ମନୋନୀତ ହୋଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଛାତ୍ର ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ଅର୍ଜୁନ ଗତ କିଛି ବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ସାମାଜିକ କାର୍ଯ୍ୟ ପାଇଁ ବେଶ୍ ଚର୍ଚ୍ଚାରେ ରହିଥିବାବେଳେ ବିଜୁ ଛାତ୍ର ଜନତା ଦଳର ଜଣେ ସକ୍ରିୟ ସଦସ୍ୟ ମଧ ରହିଥିଲେ। ଏହି ପଦ ପାଇବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ଛାତ୍ର ସଂସଦର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### କୋଭିଡ୍-୧୯ ସଚେତନତା କାର୍ଯ୍ୟକ୍ରମ

**ପଲମ, ୧୩।୧୧ (ଡି.ଏନ.ଏ.)** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗ୍ରାମପଞ୍ଚାୟତ ଏବଂ ଗାଁ କଲ୍ୟାଣ ସମିତି ଆୟୋଜନକ୍ରମେ ଗୁରୁବାର କୋଭିଡ-୧୯ ସଚେତନ କାର୍ଯ୍ୟ ଆରମ୍ଭ କରିଥିଲେ। ରୁପ୍ରା ଗ୍ରାମ ସମେତ ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗ୍ରାମରେ ଏହି ସଚେତନ କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଦୁର୍ଯ୍ୟୋଧନ ପ୍ରଧାନ, ରୁପ୍ରା ସରପଞ୍ଚ ବିଷୟା ମାଝି, ପିଇଓ ଥବିର ରଣା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଚୁମନ କୁମାର, ମହିଳା ସ୍ୱାସ୍ଥ୍ୟକର୍ମୀ ପୁଷ୍ପାଳୀ ଚୌଧୁରୀ, ଅଙ୍ଗନୱାଡି କର୍ମୀ ସୁକାନ୍ତୀ ପଧାନ ଓ ଆଶାକର୍ମୀ ମୈଥିଲି ମଲ୍ଲିକ ଏବଂ ସୂର୍ଯ୍ୟକାନ୍ତୀ ବିହାରୀ ଯୋଗ ଦେଇଥିଲେ।

# ଆଲୋଚନା ପରେ ଉଠିଲା ଧାନ

**ସମ୍ବଲପୁର,୧୩।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଧାନ ସଂଗ୍ରହର ପ୍ରଥମ ପ୍ରଥମ ଦିନରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଶୁକ୍ରବାରଠାରୁ ଚାଷୀମାନେ ଧାନ ବିକିବେ ନାହିଁ ବୋଲି ଅଡି ବସିଥିଲେ। ହେଲେ ଜିଲାପାଳ ଶୁଭମ ସକସେନା ଯୋଗାଣ ସଚିବ ବି. ପି ୟାଦବଙ୍କ ସହ ଚାଷୀଙ୍କ ଦାବି ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ଜିଲାପାଳ ସକସେନା ଏବଂ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ସରକାର କିଭଳି ସମସ୍ୟା ସମାଧାନ କରିବ ସେ ନେଇ ଚାଷୀନେତାଙ୍କୁ ଜିଲାପାଳ ସକସେନା ସୂଚନା ଦେଇଥିଲେ । ଚାଷୀନେତା ପ୍ରଧାନ ଅନ୍ୟ ଚାଷୀମାନଙ୍କ ସହ ଆଲୋଚନା କରିବା ପରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବାକୁ ସ୍ଥିର ହୋଇଥିଲା । ଚାଷୀନେତା ପ୍ରଧାନ କହିଛନ୍ତି ଯେ, ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ସରକାର ଗମ୍ଭୀରତାର ସହ ଆଲୋଚନା କରିଛନ୍ତି। ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ହେଲେ ଦାବି ପୂରଣ ନ ହେଲେ ଚାଷୀମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ। ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ପ୍ରଧାନ କହିଥିଲେ। ମିଳିଥିବା ରିପୋର୍ଟ ଅନୁସାରେ, ସମ୍ବଲପୁର ଜିଲାରେ ବିଭିନ୍ନ ମଣ୍ଡିକୁ ୪୦ଜଣ ଚାଷୀ ମୋଟ ୬୧୩୧ ପ୍ୟାକେଟ ଧାନ ବିକ୍ରି ପାଇଁ ଆଣିଥିଲେ। ସମବାୟ ସମିତି ପକ୍ଷରୁ ସମସ୍ତଙ୍କ ଧାନ କିଣାଯାଇଥିଲା ।



ସମ୍ବଲପୁର ଜିଲାର ଏକ ମଣ୍ଡିରେ ଧାନ ଗାଡି ଛିଡା ହୋଇଛି ।

# ନାବାଳକ ମୃତ୍ୟୁ ଘଟଣା, ୨ ଶିକାରୀ ଗିରଫ

**ସୋନପୁର/ବିନିକା,୧୩।୧୧ (ନି.ପ୍ର./ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ପୋଲିସ ୨ ଜଣ ଶିକାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଗିରଫ ଶିକାରୀ ହେଲେ ବିନିକା ଥାନା ସିଲାଟି(ମାଲିପଡା)ର ସୁରେଶ ଦୀପ(୫୨) ଓ ଗୁଲୁଣ୍ଡାର ସତ୍ୟ ମିର୍ଦ୍ଧା(୫୭)। ସୁରେଶ ଓ ସତ୍ୟ ଜଙ୍ଗଲି ବାର୍ହା ଶିକାର କରିବା ପାଇଁ ଚୌକିଯୋର ନିକଟସ୍ଥ କ୍ଷେତରେ ବିଦ୍ୟୁତ୍ ତାର ବିଛାଇ ଥିଲେ। ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିଲା ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ମୃତକ ହେଲେ ବରଗଡ ଜିଲା ଭେଡେନ ବ୍ଲକ ସାଲେପାଲି ଗ୍ରାମର ତ୍ରିଲୋଚନ ସାଥୁଆ(୧୭) । ଆହତ ବ୍ୟକ୍ତି ହେଲେ ବିନିକା ବ୍ଲକ ସିଲାଟି ଗ୍ରାମର ମନୋଜ ବଣିଆ(୩୨)। ମନୋଜ ଓ ତ୍ରିଲୋଚନ ସମ୍ପର୍କରେ ମାମୁଁ ଭଣଜା। ଦଶହରାରେ ତ୍ରିଲୋଚନ ମାମୁଁ ଘରକୁ ବୁଲି ଆସିଥିବା ବେଳେ ମଙ୍ଗଳବାର ରାତିରେ ଏହି ଅଘଟଣ ଘଟିଥିଲା। ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ତ୍ରିଲୋଚନଙ୍କ ବାପା ଲମ୍ବୋଦର ସାଥୁଆ ଏ ସମ୍ପର୍କରେ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାର୍ହା ଶିକାର ପାଇଁ କ୍ଷେତରେ ବିଦ୍ୟୁତ୍ ତାର ବିଛାଇଥିବା ଶିକାରୀଙ୍କୁ ଧରିବା ପାଇଁ ଆଇଆଇସି ନିରଞ୍ଜନ ଦାସ ତନାଘନା ଜାରି ରଖିଥିଲେ। ତେବେ କ୍ଷେତକୁ ଧାନ ଖାଇବାକୁ ଆସୁଥିବା ବାର୍ହାଙ୍କୁ ମାରିବା ପାଇଁ ବିଦ୍ୟୁତ୍ ତାର ବିଛାଇଥିବା ଶିକାରୀ ଦ୍ୱୟ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି।

# କାଦୋବାହାଲ, ଲୁସୁରାରେ ହାତୀ ଉପଦ୍ରବ

**ନାକଟିଦେଉଳ, ୧୩।୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଗତ କିଛି ଦିନ ହେଲା ହାତୀଙ୍କ ଉପଦ୍ରବ ଜାରି ରହିଛି। ହାତୀଙ୍କ ଉପଦ୍ରବରେ ଅମଳକ୍ଷମ ଧାନ ସବୁ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନାକଟିଦେଉଳ ବନାଞ୍ଚଳ କାଦୋବାହାଲ ଏବଂ ଲୁସୁରା ଗ୍ରାମରେ ଗତ ୩ ଦିନ ହେଲା ହାତୀଙ୍କ ଉପଦ୍ରବ ଲାଗି ରହିଛି। ଏହି ହାତୀପଲ ସନ୍ଧ୍ୟା ହେବା ମାତ୍ରେ ନିକଟସ୍ଥ ଜଙ୍ଗଲରୁ ଗାଁ ମୁଣ୍ଡକୁ ଚାଲି ଆସି ଧାନକ୍ଷେତରେ ପଶି ପାଚିଲା ଧାନସବୁ ଖାଇଯିବା ସହ ଦଳିଚକଟି ନଷ୍ଟ କରି ଦେଉଛନ୍ତି । ହାତୀ ଉପଦ୍ରବରେ କାଦୋବାହାଳ ଗ୍ରାମର ବାସୁଦେବ ସ୍ୱାଇଁ, ତଶୋବନ୍ତ ସ୍ୱାଇଁ , ସତ୍ୟ ବେହେରା ଏବଂ ଲୁସୁରା ଗ୍ରାମର ବନ ଦେହୁରୀ ଏବଂ ଘନ ଦେହୁରୀଙ୍କ ପ୍ରାୟ ୨ ଏକରରୁ ଅଧିକ ଧାନ କ୍ଷୟକ୍ଷତି ଘଟିଛି। ହାତୀପଲରେ ଏକ ଦନ୍ତା ସମେତ ଛୋଟବଡ଼ ପ୍ରାୟ ୭ଟିହାତୀ ରହିଥିବା ପ୍ରତ୍ୟକ୍ଷଦର୍ଶୀ ଗ୍ରାମବାସୀ ପ୍ରକାଶ କରିଥିବା ବେଳେ ଗତ ୩ ଦିନ ହେଲା ଧାନକ୍ଷେତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି । ହାତୀ ଘଉଡ଼ାଇବା ଦିଗରେ ବନ ବିଭାଗ ଠୋସ ପଦକ୍ଷେପ ନେବା ସହ ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବିକରିଛନ୍ତି।



ହାତୀ ଦଳିଚକଟି ନଷ୍ଟ କରିଥିବା ଧାନ କ୍ଷେତ ।

# ବାଲ୍ୟବିବାହକୁ ବନ୍ଦ କଲା ପ୍ରଶାସନ

**ସୋନପୁର,୧୩।୧୧(ନି.ପ୍ର.)**

ସୋନପୁର ବ୍ଲକ ବଲାଡି ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଗ୍ରାମର ଜଣେ ୧୭ ବର୍ଷର ନାବାଳିକାଙ୍କ ସହ ଡୁଙ୍ଗୁରିପାଲି ବ୍ଲକ ଅଁଳାମୁଣ୍ଡା ଗ୍ରାମର ଜନୈକ ବ୍ୟକ୍ତିଙ୍କ ବିବାହ ଆସନ୍ତା ୧୯ ତାରିଖରେ ହେବାକୁ ସ୍ଥିର ହୋଇଥିଲା। ନିମନ୍ତ୍ରଣ ପତ୍ର ମଧ ଛାପା ସରିଥିଲା। ଏ ସମ୍ପର୍କିତ ସୂଚନା ଜିଲା ପ୍ରଶାସନ ନିକଟରେ ପହଞ୍ଚିବା ପରେ ଜିଲାପାଳ ମୋନିଷା ବାନାର୍ଜୀ ବାଲ୍ୟ ବିବାହ ଜିଲା ପରାମର୍ଶଦାତା ରାକେଶ ପ୍ରଧାନ ଓ ସୋନପୁର ବ୍ଲକ ବାଲ୍ୟ ବିବାହ ନିଷେଧ ଅଧିକାରୀ ନିବେଦିତା ସରାଫଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବଲାଡି ଗ୍ରାମକୁ ଯାଇ ନାବାଳିକାଙ୍କ ପରିବାର ଲୋକଙ୍କୁ ବାଲ୍ୟ ବିବାହ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ବାଲ୍ୟ ବିବାହ ନିଷେଧ ଆଇନ ଏବଂ ଦଣ୍ଡ ବିଧାନ ସମ୍ପର୍କରେ ବୁଝାଇଥିଲେ । ସମସ୍ତ କଥା ଜାଣିବା ପରେ ନାବାଳିକାଙ୍କ ମା ବାପା ଏହି ବିବାହକୁ ବନ୍ଦ କରିବାକୁ ଲିଖିତ ଭାବେ ସମ୍ମତି ଜଣାଇଛନ୍ତି ।

# ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ

**ବଲାଙ୍ଗୀର ଅଫିସ,୧୩।୧୧**

ବଲାଙ୍ଗୀର ସଦର ବ୍ଲକସ୍ଥିତ ବାନ୍ଧନଘୋର, ସିଆଳବାହାଲି, କେରମେଲି, ଫଟକରା, ଚାଣ୍ଡିମୁଣ୍ଡା ଓ ସାଉନ୍ତମୁଣ୍ଡା ଗାଁରେ ୬ଟି ପାଇପ ଦ୍ୱାରା ପାନୀୟ ଜଳ ବଣ୍ଟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ୬ଟି ପାନୀୟ ଜଳ ପ୍ରକଳ୍ପ ଯେଉଁ ପ୍ରକଳ୍ପରେ କି ପାଣି ବିଶୋଧନ ୟୁନିଟ, ବିଦ୍ୟୁତ୍ ସଂଯୋଗ ତଥା ପ୍ରତ୍ୟେକ ଘରକୁ ଟେପ୍ ମାଧ୍ୟମରେ ପିଇବା ପାଣି ଯୋଗାଇ ଦେବାର ବ୍ୟବସ୍ଥା ହେବ । ଏହି ସମସ୍ତ ପ୍ରକଳ୍ପ ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ଲୋକମାନଙ୍କ କାମରେ ଆସିବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ସମସ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ ୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ନିର୍ମାଣ ସଂସ୍ଥାର ଦାୟିତ୍ୱରେ ରହିବ। ଆଲୋଚନା ସମୟରେ ମୁଖ୍ୟଅତିଥି ବିଧାୟକ ମିଶ୍ର କହିଛନ୍ତି ନିର୍ବାଚନ ମଣ୍ଡଳିର ସମସ୍ତ ପଞ୍ଚାୟତର ସମସ୍ତ ଗାଁକୁ ପାଇପ ଯୋଗେ ପିଇବା ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି । କାରଣ ବଲାଙ୍ଗୀର ତଥା ଦେଓଗାଁ ବ୍ଲକର ଅନେକ ଅଞ୍ଚଳ ଭୂତଳ ଜଳରେ ବିଷାକ୍ତ ଫ୍ଲୋରାଇଡ ମିଳୁଥିବା ପ୍ରମାଣ ମିଳିଛି । ତେଣୁ ଲୋକମାନଙ୍କ ସ୍ୱାସ୍ଥ୍ୟ ତଥା ଜୀବନ ରକ୍ଷା ପାଇଁ ପାଇପ ଯୋଗେ ପିଇବା ପାଣି ଯୋଗାଇବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଲୋକଙ୍କୁ ଅନୁରୋଧ ନିର୍ମାଣକାରୀ ସଂସ୍ଥା ତଥା ବିଭାଗକୁ କାର୍ଯ୍ୟ ଯେପରି ଶୀଘ୍ର ସରିବ ସେ ଦିଗରେ ସହଯୋଗ କରିବେ ବୋଲି ଆଶା । ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଧାୟକ ମିଶ୍ରଙ୍କ ବ୍ୟତିତ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଶତପଥୀ, ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ, ବ୍ଲକ ଉପାଧକ୍ଷା ଯଶୋବନ୍ତି ବଘାର, ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ବିଧାୟକଙ୍କ ବିଭାଗୀୟ ପ୍ରତିନିଧି ମାନସ ମହାନ୍ତି, ଉମାଶଙ୍କର ପଣ୍ଡା, ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର, ବରିଷ୍ଠ ନାଗରିକ ଭରତ ଭୋଇ, ରାଧାକାନ୍ତ ଭୋଇ, ସରୋଜ ରଥ, ବିଶ୍ୱଜିତ ନାଥ, ଡମ୍ବରୁ ମେହେର, ସରୋଜ ମେହେର, ରମାକାନ୍ତ ପଟେଲ, ବୁବୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ।

**୬ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**

# କ୍ଷେତ୍ର ପରିଦର୍ଶନ କଲେ ଜିଲା ସଂସ୍କୃତି ଅଧିକାରୀ

**ଲୋଇସିଂହା, ୧୩।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୋପାଳପୁର-ଛେଲବାହାଲ ଗାଁ ନିକଟସ୍ଥ ସୁକତେଲ ନଦୀ ଶଯ୍ୟାରେ କେତୋଟି ବିରଳ ଶିଳାଖଣ୍ଡ ଦୃଶ୍ୟମାନ ହୋଇଛି। ଏହି ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପରେ ବିରଳ ପଥର ଆବିଷ୍କୃତ ଓ ସେହି ସ୍ଥାନ ଉପରେ ଅଧିକ ଜାଣିବା ପାଇଁ ଲୋକଙ୍କ ମଧ୍ୟରେ ବେଶ ଉତ୍ସୁକତା ଦେଖିବାକୁ ମିଳିଛି। ନଦୀ ଶର୍ଯ୍ୟାରୁ ଉଦ୍ଧାର ପଥରର ସୁରକ୍ଷା ଓ ସଂଗ୍ରହ ଲାଗି ଲୋକଙ୍କ ଦାବି ହେଉଛି। ଶୁକ୍ରବାର ମଧ୍ୟାହ୍ନରେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ଅଧିକ ଜ୍ଞାନ ନାହିଁ ଜଣେ ଯୁବ ପତ୍ନତତ୍ୱବିତଙ୍କ କହିବା ଅନୁଯାୟୀ ଏହା ସୋମବଂଶ ସମୟର ଓ ଉଦ୍ଧାର ଶିଳାଖଣ୍ଡ ମନ୍ଦିର ଶୀଖର ଭାଗ ବୋଲି କହିଥିଲେ। ଏ ସମ୍ପର୍କରେ ପତ୍ନତତ୍ୱ ବିଭାଗକୁ ଚିଠି କରିବେ। ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଜଣେ ଏକ୍ସପର୍ଟଙ୍କୁ ଧରି ଆସିଲେ ପ୍ରକୃତ ତଥ୍ୟ ଜଣାପଡିବ। ସ୍ଥାନୀୟ ବିଧାୟକ ପତ୍ନତତ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କଲେ ଶୀଘ୍ର ରହସ୍ୟ ଉନ୍ମୋଚନ ହୋଇ ପାରିବ ବୋଲି କହିଥିଲେ।



ସୁକତେଲ ନଦୀରୁ ଉଦ୍ଧାର ଶିଳାଖଣ୍ଡ ସ୍ଥଳ ଜିଲା ସଂସ୍କୃତି ଅଧିକାରୀ ପରିଦର୍ଶନ କରୁଛନ୍ତି।

**ସୁକତେଲ ନଦୀରୁ ବିରଳ ଶିଳାଖଣ୍ଡ ଉଦ୍ଧାର ଘଟଣା**

# ଜଳସେଚନ ପାଇଁ କ୍ଷେତ୍ର ପରିଦର୍ଶନ

**ଖଡିଆଲ, ୧୩।୧୧ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକର ଅଣଜଳସେଚିତ ଅଞ୍ଚଳକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଖାସବାହାଲ, ସାନମହେଶ୍ୱର ଓ ସିନାପାଲି ବ୍ଲକ ମଖାପଦର, ବୋଡେନ ବ୍ଲକ ଖଇରା ଅଞ୍ଚଳକୁ ମେଗା ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚିତ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଭୁବନେଶ୍ୱରରୁ ଆସିଥିବା ପ୍ରତିନିଧିମାନଙ୍କୁ ନେଇ କ୍ଷେତ୍ର ପରିଦର୍ଶନ କରିଥିଲେ। ସମସ୍ତଙ୍କୁ ମେଗା ଉଠାଜଳସେଚନ ମାଧ୍ୟମରେ ପାଣି ଯୋଗାଇ ଦେଲେ ସମସ୍ୟା ରହିବନି ଏବଂ ଖୁବ୍ ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ କହିଛନ୍ତି।

# ସମ୍ପ୍ରସାରଣ ହେବ କେରାଣ୍ଡିଜୋର ଜଳସେଚନ ପ୍ରକଳ୍ପ କେନାଲ

**ରେଢାଖୋଲ, ୧୨।୧୧ (ଡି.ଏନ.ଏ.)**

ରେଢାଖୋଲଠାରେ ଥିବା କେରାଣ୍ଡିଜୋର ଜଳସେଚନ ପ୍ରକଳ୍ପର କେନାଲ ସମ୍ପ୍ରସାରଣ ହେବ। ଶୁକ୍ରବାର ସ୍ଥାନୀୟ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ କ୍ଷୁଦ୍ରଜଳସେଚନ ବିଭାଗୀୟ ସମୀକ୍ଷା ବୈଠକରେ ଯୋଗଦେଇ ସମ୍ବଲପୁର ଜିଲାପାଳ ଶୁଭମ ସକ୍ସେନା ପ୍ରକାଶ କରିଛନ୍ତି। କେରାଣ୍ଡିଜୋର ଜଳସେଚନ ପ୍ରକଳ୍ପର କେନାଲ ଏବେ ୧୭.୫୫୬ ପଏଣ୍ଟ (ହାତିବାହାଲ ଗ୍ରାମ) ପର୍ଯ୍ୟନ୍ତ ରହିଥିବା ବେଳେ ଏହାକୁ ୨୩.୬୮୦ (କାଙ୍କଣପଡା ଗ୍ରାମ) ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବା ବୋଲି ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ହାତିବାହାଲ, ଡିମିରିମୁଣ୍ଡା, ମହୁଲମୁଣ୍ଡା, କସିବାହାଲ ଓ କାଙ୍କଣପଡା ଗ୍ରାମର ଚାଷଜମିକୁ ଜଳସେଚନ ପାଇଁ ଶାଖା କେନାଲ ନିର୍ମାଣ କରାଯିବ। ଶାଖା କେନାଲ ନିର୍ମାଣ ପାଇଁ ଅବଶ୍ୟକ ଜମି ଅଧିଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଦୀର୍ଘ ବର୍ଷ ହେବ ଅଞ୍ଚଳର ଚାଷୀ ସଙ୍ଗଠନଗୁଡିକ ପକ୍ଷରୁ କେରାଣ୍ଡିଜୋର ଜଳସେଚନ ପ୍ରକଳ୍ପ କେନାଲକୁ କନ୍ଦରା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି କରି ଆସୁଥିଲେ। ହେଲେ ଚାଷୀମାନଙ୍କ ଦାବି ପୂରଣ ହୋଇପାରି ନ ଥିବାରୁ ଚାଷୀ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ସମୀକ୍ଷା ବୈଠକରେ କ୍ଷୁଦ୍ରଜଳସେଚନ ବିଭାଗର ଏକ୍ସ୍ୟୁକୁଟିଭ ଇଞ୍ଜିନିୟର ସନ୍ତୋଷ କୁମାର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ହେମନ୍ତ ମହାପାତ୍ର, ଉପଜିଲାପାଳ ପଦ୍ମନାଭ ବେହେରା, ତହସିଲଦାର ରୁବି ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ସର୍ବେକ୍ଷଣ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**କେସିଙ୍ଗା, ୧୩।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସଦଭାବନା ସଭା ଗୃହରେ ଶୁକ୍ରବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ଏନଏସିର ୩୧ ଜଣ ସଫେଇ କର୍ମଚାରୀଙ୍କୁ ନେଇ ୧୨ଟି ୱାର୍ଡର ରାସ୍ତାଘାଟ, ନାଳ ନର୍ଦ୍ଦମା କିପରି ସଫାସୁତୁରା କରାଯିବା ସହିତ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ତଥା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଏନଏସିର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ନୋଡାଲ ଅଫିସର ଶିଶିର କୁମାର ବିଶି, ପରିମଳ ବିଶେଷଜ୍ଞ ସାଗର ମୁନି ପ୍ରମୁଖ ସଫେଇ କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ।



ପରିମଳ ବିଶେଷଜ୍ଞ ସଫେଇ କର୍ମଚାରୀମାନଙ୍କୁ ତାଲିମ ଦେଉଛନ୍ତି।

# କମ୍ପୋଷ୍ଟ ୟାର୍ଡକୁ ବିରୋଧ

**ସମ୍ବଲପୁର,୧୩।୧୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କାଇଁଶିର ଗ୍ରାମ ନିକଟରେ ଏକ କମ୍ପୋଷ୍ଟପ୍ଲାଣ୍ଟ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଏଥିପାଇଁ ମହାନଗର ନିଗମ ପକ୍ଷରୁ ସ୍ଥାନ ଚିହ୍ନଟ କରାଯିବା ବେଳେ କାଇଁଶିର ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, କାଇଁଶିର ଗ୍ରାମ ନିକଟରେ ସରକାରୀ ଜମି ରହିଛି । ଏହାର ସୁଯୋଗ ନେଇ ଏହି ଅଞ୍ଚଳରେ ଠିକାଦାର ପୋଷା ନୀତି ଭଳି କେବଳ ଘର, କୋଠା ନିର୍ମାଣ କରାଯାଉଛି। ଗ୍ରାମାବାସୀଙ୍କ ମୌଳିକ ସୁବିଧା ରାସ୍ତା, ପୋଖାରୀ ଖନନ, ପାଣି ଯୋଗାଣ ଭଳି ଉନ୍ନୟନ କାମ କରାଯାଉ ନାହିଁ। ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ ଏବେ ମହାନଗର ନିଗମ କମ୍ପୋଷ୍ଟ ୟାର୍ଡ କରିବାକୁ ଯୋଜନା କରିଛି। ସେଥିପାଇଁ ମୂଲ୍ୟବାନ ଗଛ ଗୁଡିକ କଟାଯାଇଛି । ବହୁ ବର୍ଷ ତଳେ ଏହି ଗଛ ଗୁଡିକ ସ୍କୁଲ ପିଲାମାନେ ଲଗାଇଥିଲେ। ନିକଟରେ ସ୍କୁଲ, ଏକ ପଡା ଓ ରାସ୍ତା ରହିଛି । କମ୍ପୋଷ୍ଟ ୟାର୍ଡ ହେଲେ ସବୁବେଳେ ଦୁର୍ଗନ୍ଧ ବାହାରିବ। ସ୍କୁଲ ପିଲାମାନେ କିଭଳି ଭାବେ ପାଠ ପଢିବେ। ପଡାବାସୀ ମଧ ସମସ୍ୟାର ସମ୍ମୁଖୀନ ହେବେ। ଏଣୁ ଏହି ସ୍ଥାନ ବଦଳରେ ବିକଳ୍ପ ସ୍ଥାନରେ କମ୍ପୋଷ୍ଟ ୟାର୍ଡ କରାଯାଉ ବୋଲି ଗ୍ରାମବାସୀ ଦାବି କରିଥଲେ। ନଚେତ୍ ଆନ୍ଦୋଳନ କରାଯିବ। ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ପୂର୍ବତନ ସରପଞ୍ଚ ସୁଜିତ କୁମାର ବଢେଇ, ଜାମିନୀ ବହିଦାର ପ୍ରମୁଖ ଚେତାବନୀ ଦେଇଛନ୍ତି।



କାଇଁଶିର ଠାରେ କମ୍ପୋଷ୍ଟ ୟାର୍ଡକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

